## ମୋ ସ୍କୁଲ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ର ସାମିଲ

ଦଶପଲ୍ଲା,(ଡି.ଏନ.ଏ.)-ସ୍ଥାନୀୟ ରାଧାମୋହନଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇ ସ୍କୁଲ ଦିନର କଥା ବର୍ଣ୍ଣନା କରିଥିଲେ । ଆଲୋଚନା ପରେ ସମସ୍ତେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଶିକ୍ଷାବିତ୍ ଉମାକାନ୍ତ ସାହୁ, ତ୍ରିନାଥ ସାହୁ, ରଘୁନାଥ ସାହୁଙ୍କ ସହ ବହୁ ଶିକ୍ଷାପ୍ରେମୀ, ଶୁଭେଚ୍ଛୁ, ଅଭିଭାବକ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍କୁଲ ପରିଚାଳନା କମିଟି ସମ୍ପାଦକ ବଜେନ୍ଦ୍ର ପ୍ରସାଦ ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜି କ'ଣ କେଉଁଠି

**ନୟାଗଡ**
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ-ଶରଣକୁଳସ୍ଥିତ ଲଡୁବାବାଙ୍କ ପୀଠ, ସମୟ-ଅପରାହ୍ନ ୫ଟା

**ରାଜନଗର**
- ପଲ୍ଲିଶ୍ରୀ ଯୁବକ ସଂଘ ପକ୍ଷରୁ ଚଞ୍ଚଳା କ୍ରିକେଟ ଟ୍ରଫି, ବଡପଲ୍ଲୀ, ରାଜନଗର, ପୂର୍ବାହ୍ନ ୧୦ଟା

**ଯାଜପୁର**
- ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ପବିତ୍ର ସ୍ୱନକ୍ଷତ୍ର ଦିବସ। ସ୍ଥାନ-ବିରଜା ମନ୍ଦିର ପରିସର। ସମୟ-ବ୍ରହ୍ମ ମୁହୂର୍ତ୍ତରୁ ସକାଳ ୭ଟା ୩୧ମି ।
- ଛାତ୍ର କଂଗ୍ରେସର କର୍ମୀ ସମାବେଶ। ସ୍ଥାନ-ଜିଲାପାଳଙ୍କ କାର୍ଯ୍ୟାଳୟ । ସମୟ-ପୂର୍ବାହ୍ନ ୧୦ଟା।

**ଯାଜପୁରରୋଡ**
- ମାଗଣା ଚୁମ୍ବକୀୟ ଚିକିତ୍ସା ଶିବିର। ସ୍ଥାନ-ସେଲିବ୍ରେଶନ ମଣ୍ଡପ। ସମୟ-ସକାଳ ୭ଟାରୁ ଅପରାହ୍ନ ୨ଟା।

# ଶିକ୍ଷକ, ଶିକ୍ଷାର୍ଥୀ ମାନସିକ ଭାରାକ୍ରାନ୍ତ ହେବେ

## ରବିବାର ପାଠପଢ଼ା ବିବାଦରେ ମିଶ୍ର ପ୍ରତିକ୍ରିୟା

- ଶିକ୍ଷାର୍ଥୀଙ୍କର କୌଣସି ସଂଘ ହୋଇନାହିଁ
- ଏହା ଶ୍ରମ ଆଇନ ଉଲ୍ଲଂଘନ କରୁଛି

**କେନ୍ଦ୍ରାପଡା ଅଫିସ, ୧୦।୨**

କରୋନା ସଂକ୍ରମଣ ଭୟରେ ୧୦ ମାସ ସ୍କୁଲ, କଲେଜ ବନ୍ଦ ରହିଥିଲା । ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନରେ ପାଠପଢ଼ା ଯାଉଥିଲେ ମଧ୍ୟ ବିଭିନ୍ନ କାରଣ ଯୋଗୁ ଏହା ସମସ୍ତଙ୍କ ନିକଟରେ ପହଞ୍ଚି ପାରୁ ନ ଥିଲା । ଏବେ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସୁଛି। ଜାନୁୟାରୀ ୮ରୁ ପର୍ଯ୍ୟାୟକ୍ରମେ ସ୍କୁଲ, କଲେଜ ଖୋଲୁଛି। ସୀମିତ ସମୟ ମଧ୍ୟରେ ପାଠପଢ଼ା ସାରିବାକୁ ରାଜ୍ୟ ସରକାର ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି। ଏଥିରେ ୧୦୦ ଦିନ ମଧ୍ୟରେ ସମସ୍ତ କୋର୍ସ ସାରିବାକୁ ନିର୍ଦ୍ଦେଶ ରହିଛି। ଶନିବାର ଅଧାଛୁଟି ଓ ରବିବାର ଛୁଟିକୁ ବାତିଲ କରାଯାଇଛି। ରବିବାର ପାଠପଢାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବିରୋଧ ହେଉଛି। ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, ଶିକ୍ଷକ ଗୋଟି ଶ୍ରମିକ ନୁହନ୍ତି। ସପ୍ତାହର ୬ ଦିନ କାମ କରିବା ପରେ ଦିନେ ଛୁଟି ନେବା ଶିକ୍ଷକଙ୍କ ଅଧିକାର ଅଛି। ଅନ୍ୟ ସରକାରୀ କର୍ମଚାରୀ ଏବେ ରବିବାର ସହ ଶନିବାର ଛୁଟି ପାଉଛନ୍ତି। ଏ କ୍ଷେତ୍ରରେ ଶିକ୍ଷକଙ୍କ ପ୍ରତି ଅବିଚାର ଯଥାର୍ଥ ନୁହେଁ। ଦେଶରେ ନିର୍ଦ୍ଧାରିତ ହୋଇଥିବା ଆଦର୍ଶ ଶ୍ରମ ଆଇନର ଖୋଲାଖୋଲି ଉଲ୍ଲଘଂନ ହେଉଛି। ଓଷ୍ଟାର ଏହି ବୟାନକୁ ନେଇ କେନ୍ଦ୍ରାପଡ଼ା ଜିଲାରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି।

ଏ ସମ୍ପର୍କରେ ଅଭିଭାବକ ଅଭୟ କୁମାର ସାହୁ, ଭାଗୀରଥି କୁମାର, ଦେବାଶିଷ ରଥ, ଅଭିମନ୍ୟୁ ସାମଲ, ଭୃଗୁନନ୍ଦନ ରଥ ପ୍ରମୁଖ କହିଛନ୍ତି, ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଏବେ ଜରୁରୀ ହୋଇପଡିଛି। ୧୦ ମାସ ଧରି ସ୍କୁଲ ସହ ପିଲାଙ୍କ ପ୍ରତ୍ୟକ୍ଷ ସଂଯୋଗ ନ ଥିଲା । ନେଟୱର୍କଠାରୁ ଆରମ୍ଭ କରି ଆର୍ଥିକ ସମସ୍ୟା ଯୋଗୁ ଅନଲାଇନ ପାଠପଢ଼ା ପ୍ରାୟ ୪୦ ପ୍ରତିଶତ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚି ପାରିନାହିଁ। ଚଳିତବର୍ଷର ପରୀକ୍ଷା ପାଇଁ କୋର୍ସ ସାରିବାକୁ ୧୦୦ ଦିନ ଯଥେଷ୍ଟ ନୁହେଁ। ରବିବାର ପାଠପଢ଼ା ଜାରି ରହିଲେ ଛାତ୍ରୀଛାତ୍ର କିଛିମାତ୍ରାରେ ଉପକୃତ ହେବେ। ଶିକ୍ଷକ ନିଜକୁ ଗୋଟି ଶ୍ରମିକର ଆଖ୍ୟା ଦେବା ଆଦୌ ଉଚିତ ନୁହେଁ। ସେମାନେ ଦେଶର ଭବିଷ୍ୟତ ଗଢୁଛନ୍ତି। ଭବିଷ୍ୟତକୁ ଅନ୍ଧାରରେ ରଖିବା ଦ୍ୱାରା ଆଗାମୀ ସମାଜ ପାଇଁ ଦୁର୍ବଳ ଭିତ୍ତିଭୂମି ପ୍ରତିଷ୍ଠା ହେବ। ଦେଶରେ ଏବେ ଏକ ଟ୍ରେଣ୍ଡ ଚାଲିଛି। କର୍ମ ନିଯୁକ୍ତି ପାଇବା ପରେ ସମସାମୟିକଙ୍କୁ ମିଶାଇ ଏକ ସଂଘ ଗଠନ କରୁଛନ୍ତି। ଏହି ସଂଘ ମାଧ୍ୟମରେ ଦେଶକୁ ସେବା ଦେବା ବଦଳରେ ନିଜର ସ୍ୱାର୍ଥ ପାଇଁ ବାରମ୍ବାର ଆନ୍ଦୋଳନ କରିବା ଅଥବା ଅସହଯୋଗ କରିବାକୁ ଆଗେଇ ଆସୁଛନ୍ତି। ଶିକ୍ଷକଙ୍କ ପରି ଶିକ୍ଷାର୍ଥୀଙ୍କ ଏକ ସଂଘ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ଶିକ୍ଷକମାନେ ଯଦି ରବିବାର ଟ୍ୟୁଶନ ବନ୍ଦ କରୁନାହାନ୍ତି, ତେବେ ସ୍କୁଲ ବନ୍ଦ ପାଇଁ ଏତେ ଆଗ୍ରହୀ କାହିଁକି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ଶିକ୍ଷାବିତ୍ ଡ. ସର୍ବେଶ୍ୱର ସେଣ, ଡ. ଦେବୀପ୍ରସାଦ ସାହୁ, ଶିକ୍ଷକ ରଞ୍ଜନ ରଣା, ଚନ୍ଦ୍ରକାନ୍ତ ସ୍ୱାଇଁ, ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି ପ୍ରମୁଖ ରବିବାର ପାଠପଢ଼ାକୁ ପସନ୍ଦ କରିନାହାନ୍ତି। ସେମାନେ କହିଛନ୍ତି, ସପ୍ତାହର ସବୁଦିନ ମାନସିକ ପରିଶ୍ରମ ସମ୍ଭବ ନୁହେଁ। ଏହାଦ୍ୱାରା ଉଭୟ ଛାତ୍ରୀଛାତ୍ର ଓ ଶିକ୍ଷକ ମାନସିକ ରୋଗର ଶିକାର ହେବାର ସମ୍ଭାବନା ଅଛି। ଏହାସତ ଯେ, ବିଗତ ମାସଗୁଡିକ ଶିକ୍ଷାର ରୁଟିନ କାର୍ଯ୍ୟ ହୋଇନାହିଁ। କରୋନା ସଂକ୍ରମଣ ସମୟରେ କୌଣସି ଶିକ୍ଷକଙ୍କୁ ଘରେ ବସାଇ ଦିଆଯାଇନାହିଁ। ଗାଁକୁ ଯାଇ ଶିକ୍ଷାର୍ଥୀଙ୍କୁ ପାଠ ପଢ଼ାଯାଇଛି। ସେହିପରି ଅନଲାଇନ ପାଠ୍ୟକ୍ରମ ଶିକ୍ଷାବର୍ଷର କିଛି ମାସ ବ୍ୟବଧାନରେ ଆରମ୍ଭ ହୋଇଛି। ବହି ବଣ୍ଟନ, ରେଡିଓ ପାଠଶାଳା ପ୍ରୋଗ୍ରାମ, ସାନିଟାରୀ ନାପକିନ୍ ବଣ୍ଟନଠାରୁ ଆରମ୍ଭ କରି ଶିକ୍ଷାର୍ଥୀଙ୍କୁ ମଧ୍ୟାହ୍ନଭୋଜନ ସାମଗ୍ରୀ ଅଥବା ଅନୁଦାନ ରାଶି ଯୋଗାଣରେ ଶିକ୍ଷକଙ୍କ ହାତ ଅଛି। ଏହା ବ୍ୟତୀତ କରୋନା ସଂକ୍ରମଣ କାଳରେ ପ୍ଲାଟଫର୍ମରୁ ପ୍ରବାସୀଙ୍କୁ ଆଣି କ୍ୱାରାଣ୍ଟାଇନ ସେଣ୍ଟରରେ ପହଞ୍ଚାଇବା, ଘରକୁ ଘର ବୁଲି କୋଭିଡ-୧୯ର ତଥ୍ୟ ସଂଗ୍ରହରେ ନିୟୋଜିତ ହୋଇଥିଲେ। ଏହାବ୍ୟତୀତ ରବିବାର ଛୁଟିରେ ପାଠ ପଢ଼ାଇବା ଶ୍ରମ ଆଇନର ଉଲ୍ଲଂଘନ କରୁଛି।

# ଅରୁଣିମାର ୫ମ ସଂସ୍କରଣର ଶୁଭାରମ୍ଭ



ଟାଟା ଷ୍ଟିଲ ପକ୍ଷରୁ ପ୍ରଦାନ କରାଯାଉଥିବା ମେଧାବୃତ୍ତି।

## ୫୦୩ ଛାତ୍ରୀଛାତ୍ରଙ୍କୁ ମେଧା ବୃତ୍ତି

**କଳିଙ୍ଗନଗର, ୧୦।୨(ଡି.ଏନ.ଏ.)**

ଟାଟା ଷ୍ଟିଲ ପକ୍ଷରୁ ଡିଜିଟାଲ ମାଧ୍ୟମରେ ୩ ଦିନିଆ ଅରୁଣିମାର ୫ମ ସଂସ୍କରଣ ବୁଧବାରଠାରୁ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ସୁକିନ୍ଦା, ବ୍ରାହ୍ମଣୀପାଳ ଓ କଳିଙ୍ଗନଗର କାର୍ଯ୍ୟକ୍ଷେତ୍ର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସାମିଲ କରାଯାଇଛି। ଜଳ ସଂରକ୍ଷଣ ସଂକ୍ରାନ୍ତୀୟ ଚଳିତ ବର୍ଷ ବିଷୟବସ୍ତୁ ରହିଛି। ଜାତିସଂଘ ପକ୍ଷରୁ ୨୦୧୮-୨୮କୁ ଜଳ ଦଶନ୍ଧି ରୂପେ ଘୋଷଣାରୁ ଏହା ଅନୁପ୍ରେରିତ ହୋଇଛି। ଅରୁଣିମା ଅନ୍ତର୍ଗତ ୩ଟି ପ୍ରମୁଖ କାର୍ଯ୍ୟକ୍ରମ ଯଥା ଜ୍ୟୋତି ମେଧା ବୃତ୍ତି, କୃଷକଙ୍କ ପାଇଁ କୃଷିଭିତ୍ତିକ ସମ୍ମିଳନୀ ଓ ମହିଳା ଉଦ୍ୟୋଗୀଙ୍କ ପାଇଁ କାର୍ଯ୍ୟକ୍ରମ ଓ ଯୁବ ସମ୍ମିଳନୀର ଆୟୋଜନ କରାଯାଉଛି। ଓଡ଼ିଶାର ଆର୍ଥିକ ରୂପେ ଅନଗ୍ରସର ଅନୁସୂଚିତ ଜାତି ଓ ଜନଜାତି ପରିବାରର ୫୦୩ ମେଧାବୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ସମର୍ପଣ ଓ ପ୍ରତିଭା ପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଟାଟା ଷ୍ଟିଲ କଳିଙ୍ଗନଗର କର୍ପୋରେଟ୍ ସର୍ଭିସେସ୍ ବିଭାଗ ମହା ପ୍ରବନ୍ଧକ ଆର. ଆର. ଶତପଥୀ ଉଦ୍‌ଘାଟନ କରିଥିଲେ। ଟାଟା ଷ୍ଟିଲର ଓଡ଼ିଶା ସିଏସ୍‌ଆର ବିଭାଗ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, କଳିଙ୍ଗନଗରର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଳ ସଂରକ୍ଷଣ ନିମନ୍ତେ ସଚେତନତା ସୃଷ୍ଟି ପାଇଁ ଟାଟାଷ୍ଟିଲ ଉଦ୍ୟମକୁ ପ୍ରଶଂସା କରିଥିଲେ।

## ସଂକ୍ଷେପରେ

### ହେଲମେଟ୍,ସିଟ୍ ବେଲ୍ଟ ପିନ୍ଧିଥିବା ଚାଳକଙ୍କୁ ଗୋଲାପ ଫୁଲ

**ଓଡ଼ଗାଁ,୧୦।୨(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ କଲେଜ ଜାତୀୟ ସେବା ସଂସ୍ଥା ଓ ଆଦର୍ଶ ଥାନାର ମିଳିତ ଉଦ୍ୟମକ୍ରମେ ମଙ୍ଗଳବାର ସଡ଼କ ସୁରକ୍ଷା ମାସ ପାଳନ କରାଯାଇଛି। ଏନ୍‌ଏସ୍‌ଏସ୍‌ର ଶତାଧିକ ଛାତ୍ରୀଛାତ୍ର , ଅଧାପକ ଓ ସ୍ଥାନୀୟ ପୋଲିସ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ଛାତ୍ରୀଛାତ୍ରମାନେ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନ କରାଇଥିଲେ। ଶେଷରେ ହେଲମେଟ ଓ ଗାଡି ସିଟ ବେଲ୍ଟ ପିନ୍ଧିଥିବା ଚାଳକଙ୍କୁ ଗୋଲାପ ଫୁଲ ଦେଇ ଉତ୍ସାହିତ କରାଯାଇଥିଲା। ଅନ୍ୟମାନଙ୍କୁ କେବଳ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। କଲେଜ ଅଧକ୍ଷ ଅଶ୍ୱିନୀ କୁମାର ନାୟକ, ପ୍ରଧାପକ ବିଶ୍ୱନାଥ ମହାରଣା, ପ୍ରଦୀପ୍ତ କୁମାର ବିଶ୍ୱାଳ, ଆଇଆଇସି ପ୍ରଜ୍ଞାପାରମିତା ଜେନା ଓ ସଞ୍ଜୟ କୁମାର ପରିଡାଙ୍କ ସହିତ ଅନ୍ୟମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟପକ୍ଷେ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସ୍ଥାନୀୟ ଦଲକ ଛକରୁ କଲେଜ ପର୍ଯ୍ୟନ୍ତ ପ୍ରଥମ ଥର ପାଇଁ ୨୦ ହମ୍ପସ ନିର୍ମାଣ କରାଯାଇଥିବାରୁ ଜନସାଧାରଣ ନାପସନ୍ଦ କରିଛନ୍ତି।

### ଆର୍‌ଆଇଙ୍କୁ ବଦଳି ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ବାଲିକୁଦା, ୧୦।୨(ସ୍ୱ.ପ୍ର.):**ବାଲିକୁଦା ତହସିଲ ମରିଚପୁର ଆରଆଇ ସୁଶାନ୍ତ ସ୍ୱାଇଁ ବଦଳି ପାଇଁ ସଚେନତ ନାଗରିକମାନେ ବୁଧବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମରିଚପୁର ଆର୍‌ଆଇ ସ୍ୱାଇଁ ମାଳମରିଚିପୁର ଉନ୍ନୟନ ପରିଷଦ ସଭାପତି ସୁବାସ ନାୟକଙ୍କ ମଧରେ ଜାନୁୟାରୀ ୨୦ରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ଆରଆଇ ସ୍ୱାଇଁଙ୍କ ଅନ୍ୟତ୍ର ବଦଳି ପାଇଁ ଦାବି ହୋଇଛି। ଉକ୍ତ ଘଟଣାରେ ଆରଆଇ ସ୍ୱାଇଁ ନାୟକଙ୍କୁ ମାଡ ମାରିଥିଲେ ମଧ ଆରଆଇ ସଂଘର ବନ୍ଦ ଡାକରା ଓ ତାଙ୍କୁ ସମର୍ଥନ ଜଣାଇ ଅନ୍ୟ ସଂଘଗୁଡିକ ଏଥିରେ ସାମିଲ ହୋଇଥିଲେ। ସେବେଠାରୁ ଭୟଭୀତ ହୋଇ ସୁବାସ ନିଖୋଜ ଥିବା ସମ୍ପର୍କରେ ବୁଧବାର ମରିଚିପୁର ଅଞ୍ଚଳର କେତେଜଣ ସଚେତନ ନାଗରିକ ଜିଲାପାଳଙ୍କୁ ଭେଟିଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ସଚେତନ ନାଗରିକମାନେ ଦାବି କରିଛନ୍ତି।

### ମାଙ୍କଡ଼ା ପଥରକଟା ମେଶିନ ଜବତ

**କାଳିଆପାଣି,୧୦।୨(ଡି.ଏନ.ଏ.):** କାଳିଆପାଣି ଥାନା ପୋଲିସ ପକ୍ଷରୁ ବୁଧବାର ବେଆଇନ ମାଙ୍କଡ଼ାପଥର କାଟୁଥିବା ଏକ ପାୱାର ଟେଲର ଓ ମାଙ୍କଡ଼ାପଥର ଜବତ କରାଯାଇଛି। କାଳିଆପାଣି ଖଣି ଅଞ୍ଚଳରେ ଢେଙ୍କାନାଳ ଜିଲାରୁ ବହୁ ଚୋରା ମାଙ୍କଡ଼ାପଥର ସୁକିନ୍ଦା ଅଞ୍ଚଳକୁ ଚାଲାଣ ହେଉଥିବାବେଳେ ସୁକିନ୍ଦା ତହସିଲ ଅଞ୍ଚଳରେ ମଧ୍ୟ ବେଆଇନ ମାଙ୍କଡ଼ାପଥର କଟା ଯାଉଥିବା ଅଭିଯୋଗ ହୋଇ ଆସୁଛି । ତେବେ ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସରକାର ବିପୁଳ ରାଜସ୍ୱ କ୍ଷତି ସହୁଛନ୍ତି। ପୂର୍ବରୁ ବନ ବିଭାଗ ୩ ଟି ମାଙ୍କଡ଼ାପଥର ବୋଝେଇ ଟ୍ରାକ୍ଟର ଜବତ କରିଥିଲା। ଏନେଇ ଥାନାରେ (ନଂ.୧୪/୨୧)ରେ ଲଘୁ ଖଣିଜ ସମ୍ପଦ ଆକ୍ଟରେ କେସ ରୁଜ ହୋଇଥିବା ଜଣାପଡ଼ିଛି।

# ରାଶନ କାର୍ଡ ପ୍ରଦାନରେ ପାତର ଅନ୍ତର



ପଞ୍ଚାୟତ ସମିତି ବୈଠକରେ ବିଧାୟକ ଓ ଅଧିକରୀମାନେ।

## ପଞ୍ଚାୟତ ସମିତି ବୈଠକ

**ତିର୍ତ୍ତୋଲ, ୧୦।୨(ଡି.ଏନ.ଏ.)**

ତିର୍ତ୍ତୋଲ ପଞ୍ଚାୟତ ସମିତିର ୧୨ତମ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜନଜାତିର ପରିବାର ରାଶନ କାର୍ଡରୁ ବଞ୍ଚିତ ଓ କାର୍ଡ ପ୍ରଦାନରେ ପାତର ଅନ୍ତର ହେଉଥିବା ତରଜଙ୍ଗା ସରପଞ୍ଚ ବସନ୍ତ ସେଠୀ ଅଭିଯୋଗ କରିଥିଲେ। ବ୍ଲକ ଅଧକ୍ଷା ସୁଜାତା ମହାନ୍ତି ସଭାପତିତ୍ୱ କରିଥିଲେ। ସମିତିସଭ୍ୟ ରଞ୍ଜିତ ପାଲ କୋଲର ପଞ୍ଚାୟତ ଅବହେଳାର ଶିକାର ହେଉଛି ବୋଲି ଅଭିଯୋଗ କରିଥିଲେ। ଜୟିପୁର-ଡଣ୍ଡୁଆ-ଅଢାପଡି ରାସ୍ତାର ମରାମତି ତାରତୋଲ ଓ ପାନୀୟ ଜଳ ପ୍ରକଳ୍ପରୁ ଏ ପର୍ଯ୍ୟନ୍ତ ଜନସଧାରଣ ଯୋଗାଣରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଥିଲେ। ସମିତିସଭ୍ୟ ଅଜୟ ରାଉଳ ତରାପୁର ଶ୍ମଶାନ ଗୃହ ନିର୍ମାଣ ହୋଇଥିଲେ ହେଁ ଏହା କାର୍ଯ୍ୟରେ ଲାଗୁନାହିଁ କହିଥିଲେ। ଗୋବିନ୍ଦପୁର ସରପଞ୍ଚ ରମେଶ ଚନ୍ଦ୍ର କୁଅଁର କୃଷି ସମ୍ବନ୍ଧୀୟ ଆସୁଥିବା ବିଭିନ୍ନ ନୂଆ ଯୋଜନାଗୁଡିକ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କୁ ଅବଗତ କରାଯାଉ ନ ଥିବାରୁ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ତହସିଲ ପ୍ରଶାସନ ବିଭିନ୍ନ ନୂଆ ପ୍ରକଳ୍ପ ପାଇଁ ଜମିର ଚିହ୍ନଟରେ ବିଳମ୍ବ କରୁଥିବାରୁ ଏସବୁ କାମ ଆଗେଇ ପାରୁନାହିଁ। ଉନ୍ନୟନ କାମ ପାଇଁ ବିଭିନ୍ନ ପଞ୍ଚାୟତରେ ଜମି ଚିହ୍ନଟ ଆଦି ସମସ୍ୟା ଥିବାବେଳେ ତହସଲିଦାର ବୈଠକକୁ ଆସୁ ନ ଥିବାରୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ଆଶିଷ ସେଠୀ, ଜିଲା ପରିଷଦ ସଭ୍ୟ ପ୍ରବୀର ରାୟ, ସନାତନ ଦଳାଇ, ଲିପାଲି ରାଉଳ, ପାରାଦୀପ ବିଧାୟକଙ୍କ ପ୍ରତିନିଧି ଶରତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ଅଟଳ ବିହାରୀ ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଏବିଡିଓ ସତ୍ୟଜିତ ସ୍ୱାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଏହାର ଆକ୍ସନ ପ୍ଲାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଭାରପ୍ରାପ୍ତ ଜିପିଓ ବିଶ୍ୱଜିତ ମହାପାତ୍ର, ଯନ୍ତ୍ରୀ ସ୍ୱାଗତିକା ସ୍ୱାଇଁ, ବିପିସି ପ୍ରିୟମ୍ବଦା ପଶାୟତ, ସିଡିପିଓ ନିବେଦିତା ବିଭୂତି ରାୟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସଭ୍ୟମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ।

# ନାବାଳିକା ଜନ୍ମ ଦେଲେ ମୃତ ଶିଶୁକନ୍ୟା

## ନାବାଳକ ଥାନାରେ ଅଟକ

**କଳିଙ୍ଗନଗର,୧୦।୨(ଡି.ଏନ.ଏ.)**

ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ନାବାଳିକା ଏକ ମୃତ ଶିଶୁକନ୍ୟା ଜନ୍ମ ଦେଇଛନ୍ତି। ପ୍ରସବ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୁକିନ୍ଦା ପୋଲିସ ଶିଶୁର ମୃତଦେହକୁ ବ୍ୟବଚ୍ଛେଦ କରାଇଛି। ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଥାନାରେ ଅଟକ ରଖିଛି। ନାବାଳିକା ବାପାଙ୍କ ଅଭିଯୋଗ ପରେ ପୋଲିସ ମାମଲା(ନଂ.୩୯/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ସୁକିନ୍ଦା ଥାନା ଅଞ୍ଚଳର ଜଣେ ୧୭ ବର୍ଷ ନାବାଳକ ଜଣେ ନାବାଳିକାଙ୍କ ସହ ସମ୍ପର୍କ ରଖିବାରୁ ସେ ଗର୍ଭବତୀ ହୋଇଥିଲେ। ୫ ଦିନ ତଳେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପରିବାର ଲୋକେ ତାଙ୍କୁ କୁହିକା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ନାବାଳିକା ଗର୍ଭବତୀ ଥିବା ଜଣାପଡିଥିଲା। ଏଥିସହିତ ସେ ରକ୍ତହୀନତାର ଶିକାର ହୋଇଥିଲେ। ବୁଧବାର ପରିବାର ଲୋକେ ନାବାଳିକାଙ୍କୁ ଦାନଗଦୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ନାବାଳିକା ୮ମାସର ମୃତ ଶିଶୁ କନ୍ୟାକୁ ଜନ୍ମ ଦେବା ପରେ ଗୁରୁତର ହୋଇପଡିଥିଲେ।

# ବିବାହ ଭାଙ୍ଗିବା ପରେ ଅସଦାଚରଣ ଅଭିଯୋଗ

- ମୋ ପୁଅକୁ ଫସାଇ ଦିଆଯାଇଛି: ବାପା
- ଅଭିଯୋଗର ସତ୍ୟତା ଅଛି: ନାବାଳିକାଙ୍କ ମା'
- ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ

**ଖଣ୍ଡପଡ଼ା,୧୦।୨(ସ୍ୱ.ପ୍ର.)**

ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଇଟାମାଟି ଥାନା ପୋଲିସ ଖଣ୍ଡପଡ଼ା ଥାନା ଅଧୀନ ରାଣୀପଡ଼ା ଗ୍ରାମର ଆଲୋକ ନାୟକ (୨୮)ଙ୍କୁ ଗିରଫ କରି ଜାନୁୟାରୀ ୨୭ରେ କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏ ସଂକ୍ରାନ୍ତରେ ଆଲୋକଙ୍କ ବାପା ଗୟାଧର ଏବେ ମୁହଁ ଖୋଲିଛନ୍ତି । ବିବାହ ଭାଙ୍ଗିବା ପରେ କନ୍ୟାଘର ପକ୍ଷରୁ ମୋ ପୁଅକୁ ଫସାଇ ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ନାବାଳିକାଙ୍କ ପରିବାର ପକ୍ଷରୁ କରାଯାଇଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ସେ ଦର୍ଶାଇ ନୟାଗଡ ଏସ୍‌ପି, ଖଣ୍ଡପଡା ଥାନା କର୍ତ୍ତୃପକ୍ଷ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ପୋଲିସଠାରୁ ନ୍ୟାୟ ନ ମିଳିଲେ ସେ ଉଚ୍ଚ ନ୍ୟାୟାଳୟ ଓ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ଗୟାଧର ଦର୍ଶାଇଛନ୍ତି, ଆଲୋକ ଖଣ୍ଡପଡ଼ା ବ୍ଲକ ଅଧୀନ ଶାଳଝରିଆ ସେବା ସମବାୟ ସମିତିରେ କମ୍ପ୍ୟୁଟର ଡାଟା ଅପରେଟର ଭାବେ କାର୍ଯ୍ୟ କରନ୍ତି। ନୟାଗଡ଼ ନିକଟସ୍ଥ ଶରଧାପୁର ଗ୍ରାମର ଜଣେ ନାବାଳିକାଙ୍କ ସହ ତାଙ୍କର ବିବାହ ହେବାର ଥିଲା। ଏଥିରେ ଉଭୟ ପରିବାରଙ୍କ ସମ୍ମତି ମିଳିଥିଲା । ବିବାହ ତାରିଖ ସ୍ଥିର ହେବା ପରେ ବରପକ୍ଷ କନ୍ୟାଙ୍କୁ ଏକ ସୁନାମୁଦି ଓ ମୋବାଇଲ ଉପହାର ଭାବେ ଦେଇଥିଲେ। ମାତ୍ର ଝିଅର ବୟସ ୧୮ ବର୍ଷ ହୋଇ ନ ଥିବା ଜଣାପଡିବା ପରେ ଗୟାଧରଙ୍କ ପରିବାରବର୍ଗ ବିବାହକୁ କିଛିଦିନ ସ୍ଥଗିତ ରଖିବା ପାଇଁ କନ୍ୟାପକ୍ଷଙ୍କୁ ଜଣାଇଦେଇଥିଲେ। ପରବର୍ତ୍ତୀ ସମୟରେ କନ୍ୟାପକ୍ଷ ବରପକ୍ଷକୁ ସୁନାମୁଦି ଫେରାଇ ଦେଇଥିଲେ। ଏତିକିରେ କଥା ସରି ନ ଥିଲା। ଜାନୁୟାରୀ ୨୦ରେ ଆଲୋକ ସମ୍ପୃକ୍ତ ନାବାଳିକାଙ୍କୁ ତାଙ୍କ ଘର ନିକଟରୁ ଏକ ବାଇକରେ ଉଠାଇ ନେଇ ଯୋଗିଆପଲ୍ଲୀ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଅସଦାଚରଣ କରିଥିବା ନାବାଳିକାଙ୍କ ମା' ସେହି ମାସ ୨୭ ତାରିଖରେ ଇଟାମାଟି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ଇଟାମାଟି ଥାନାରେ ଏକ ମାମଲା(ନଂ.୧୬/୨୧)ରୁଜୁ କରାଯାଇଥିଲା । ପୋଲିସ ଓ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକା ଦେଇଥିବା ବୟାନକୁ ଆଧାର କରି ପୋଲିସ ଆଲୋକଙ୍କୁ ଗିରଫ କରିଥିଲା ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି । ତେବେ ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ ବୋଲି ଆଲୋକଙ୍କ ପରିବାରବର୍ଗ କହିଛନ୍ତି। ଘଟଣା ଦିନ ଆଲୋକ ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡିରେ ଦିନତମାମ କାର୍ଯ୍ୟ କରୁଥିବା ବେଳେ ଏଭଳି କୌଣସି ଘଟଣା ଘଟି ନ ଥିବା ସେମାନେ ଦର୍ଶାଇଛନ୍ତି । ଏହି ଅଭିଯୋଗ ସମ୍ପର୍କରେ ଇଟାମାଟି ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ନାବାଳିକାଙ୍କ ବୟାନକୁ ଆଧାର କରି ଆଲୋକଙ୍କୁ ଗିରଫ କରାଯାଇଛି । ଅନ୍ୟପକ୍ଷେ ନାବାଳିକାଙ୍କ ମା'ଅଭିଯୋଗର ସତ୍ୟତା ଥିବା କହିଛନ୍ତି।।

# କଂଗ୍ରେସର ମେଡିକାଲ କଲେଜ ପ୍ରତିଷ୍ଠା ଦାବି

## ମାଟିର ପୁଅ ହୋଇ ନ ଥିବାରୁ ନେତାଙ୍କ ପାଟି ଖୋଲୁନି

**କେନ୍ଦ୍ରାପଡ଼ା ଅଫିସ, ୧୦।୨**

ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ କେନ୍ଦ୍ରାପଡ଼ା ବିଧାନସଭାସ୍ତରୀୟ କଂଗ୍ରେସ ବୁଧବାର ରଣହୁଙ୍କାର ଦେଇଛି। ସହରର ଦୁହୁରିଆଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲି ସହ କାର୍ଯ୍ୟାଳୟ ସମ୍ମୁଖରେ ସଭା କରିଛି। ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ ସହ ଜିଲାର ବିଜେଡି ନେତୃତ୍ୱକୁ ସମାଲୋଚନା କରିଛନ୍ତି। ମାଟିର ପୁଅ ହୋଇ ନ ଥିବାରୁ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପାଟି ଖୋଲୁନି ବୋଲି ସେ କହିଛନ୍ତି। ବରିଷ୍ଠ ନେତା ଗଣେଶ୍ୱର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁର ରାଉତରାୟ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଆଇନ ପ୍ରଣୟନ, ଯୋଜନା ଓ ନୀତିର କାର୍ଯ୍ୟକାରିତା ନ ହେବାକୁ ସମାଲୋଚନା କରିଥିଲେ। ଜିଲା ସଭାପତି ଅଂଶୁମାନ ମହାନ୍ତି କହିଥିଲେ, ମେଡିକାଲ କଲେଜ ପ୍ରତିଷ୍ଠା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଅନ୍ୟମାନଙ୍କ ମଧ୍ୟରେ ଧରଣୀଧର ନାୟକ, ଜ୍ଞାନଦେବ ବେହୁରା, ବିଭ୍ରାଂଶୁ ଲେଙ୍କା, ସୌମେନ୍ଦ୍ର କୁମାର ପୃଷ୍ଟି ପ୍ରମୁଖ ମତ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଥିଲା।

# ୬୪ ଲକ୍ଷ ଖର୍ଚ୍ଚ: କାର୍ଯ୍ୟକ୍ଷମ ହେଉନି ବସ୍‌ଷ୍ଟାଣ୍ଡ

**ଜଗତ୍‌ସିଂହପୁର ଅଫିସ, ୧୦।୨**


ଉଦ୍‌ଘାଟନ ସରିଥିବା ନୂଆ ବସ୍‌ଷ୍ଟାଣ୍ଡରେ ଏବେ ଲୋକେ ଟ୍ରକ୍ ରଖୁଛନ୍ତି।

ଜଗତ୍‌ସିଂହପୁରରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ୨୦୧୨ରୁ ଉଦ୍‌ଘାଟନ ସରିଛି। ହେଲେ ଆଜିଯାଏ କାର୍ଯ୍ୟକ୍ଷମ ହୋଇପାରିନାହିଁ। ବସ୍ ଓ ଟ୍ରେକର୍‌ଗୁଡିକ ପୂର୍ବଭଳି ବଜାର ମଝିରେ ଷ୍ଟପେଜ୍ କରୁଛି। ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପାଖାପାଖି ୬୪ ଲକ୍ଷ ଟଙ୍କା ଖର୍ଚ୍ଚ ସରିଛି। ବିଶେଷକରି ବିନା ବିଚାର ବିମର୍ଶରେ ମନଇଚ୍ଛା ସ୍ଥାନ ଚିହ୍ନଟ ଓ ପ୍ରଶାସନିକ ସ୍ଥାଣୁତା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି।

ଜଗତ୍‌ସିଂହପୁର ମୁଖ୍ୟ ପୋଷ୍ଟ ଅଫିସ ନିକଟ ରାସ୍ତାପାର୍ଶ୍ୱରେ ଖୁବ୍ କମ ଜାଗାରେ ପୂର୍ବପରି ବସ୍ ଓ ଟ୍ରେକରଗୁଡିକ ଅଟକୁଛି। ଏହାକୁ ଲୋକେ ଜଗତ୍‌ସିଂହପୁର ବସ୍‌ଷ୍ଟାଣ୍ଡ ବୋଲି କହୁଥିଲେ ହେଁ ବାସ୍ତବରେ ତାହା ବସ୍‌ଷ୍ଟପ। ବସ୍‌ଷ୍ଟାଣ୍ଡ ପାଇଁ ସେଠାରେ ଆବଶ୍ୟକ ଜମି ସହ ଭିତ୍ତିଭୂମି ନାହିଁ। ଖୁବ୍ କମ ଜାଗାରେ ବସ୍, ଟ୍ରେକରଗୁଡିକ ପ୍ରବେଶ ଏବଂ ପ୍ରସ୍ଥାନ ଯୋଗୁ ବହୁ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବସ୍‌ଷ୍ଟପର ମୋଟ ଜମିରୁ କିଛି ପୁରୋହିତପୁର ସୋସାଇଟି, ଅବଶିଷ୍ଟ ଜଗତ୍‌ସିଂହପୁର ପୌର ପରିଷଦ ଅଧୀନରେ ରହିଛି। ପୌର ପରିଷଦ ଏହି ଜମିକୁ ବସ ମାଲିକ ସଂଘକୁ ଲିଜ୍ ସୂତ୍ରରେ ଦେଇଛି। ଏସବୁ ଦୃଷ୍ଟିରୁ ସ୍ଥାୟୀ ବସ୍‌ଷ୍ଟାଣ୍ଡର ଆବଶ୍ୟକତାକୁ ଦେଖି ୨୦୦୩ରେ ଚିନ୍ତା କରାଯାଇଥିଲା। ଜଗତ୍‌ସିଂହପୁର-ବାଲିକୁଦା ରାସ୍ତାପାର୍ଶ୍ୱ ଯୋଗଧାରୀଠାରେ ସ୍ଥାନ ଚିହ୍ନଟ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୮।୩।୨୦୦୩ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବସ୍‌ଷ୍ଟାଣ୍ଡ ପାଇଁ ୭୭,୮୮,୧୩୮ ଟଙ୍କା ବ୍ୟୟ ଅଟକଳ କରାଯାଇଥିବାବେଳେ ୬୪,୦୭,୦୦୧ ଖର୍ଚ୍ଚ ହୋଇଥିଲା। ସେଥିମଧ୍ୟରୁ ବିଧାୟକଙ୍କ ପାଣ୍ଠି ୯ ଲକ୍ଷ, ଏମ୍‌ପି ପାଣ୍ଠି ୨୦,୮୯,୪୦୧, ରାଜ୍ୟ ସଭା ଏମ୍‌ପି ପାଣ୍ଠି ୧୧,୯୯,୦୦୦, ଜଗତ୍‌ସିଂହପୁର ପୌର ପରିଷଦ ପାଣ୍ଠି ୫,୮୮,୧୩୮ ଏବଂ ସ୍ୱତନ୍ତ୍ର ସମସ୍ୟା ପାଣ୍ଠି ୩୦ ଲକ୍ଷ ଟଙ୍କା ଥିଲା। ଏହି ଅନୁଦାନ ରାଶିରେ ୨ଟି ଗେଟ୍, ବାମପାର୍ଶ୍ୱରେ ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟ, ପୋଲିସ ସହାୟତା କେନ୍ଦ୍ର, ୨ ପରିସ୍ରାଗାର (ମହିଳା ପୁରୁଷ) ରହିଛି। ସାମ୍ନା ଶେଷ ମୁଣ୍ଡରେ ୫ଟି ବିଶ୍ରାମାଗାର, ଏହା ପଛକୁ ସୁଲଭ ଶୌଚାଳୟ ଓ ସ୍ନାନାଗାର ଅଛି। ଆଲୋକ ବ୍ୟବସ୍ଥା କରାଯାଇଛି। ଦକ୍ଷିଣପାର୍ଶ୍ୱରେ ଥିବା ବିଲ୍ଡିଂ ଦ୍ୱୟରେ ୧୪ଟି ବିଶ୍ରାମାଗାର କୋଠରି, ୨ ପରିସ୍ରାଗାର (ମହିଳା, ପୁରୁଷ) ବ୍ୟବସ୍ଥା ହୋଇଛି। ରାସ୍ତାପାର୍ଶ୍ୱ ଅର୍ଥାତ୍ ୨ ଗେଟ୍ ମଝିରେ ପାର୍କିଂ ବ୍ୟବସ୍ଥା ରହିଛି। ଗେଟ୍ ସାମ୍ନାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ୯।୧୨।୧୨ରେ ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ଏବଂ ସମବାୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବସ୍‌ଷ୍ଟାଣ୍ଡର ଉଦ୍‌ଘାଟନ କରିଥିଲେ ହେଁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ।

ଏ ସମ୍ପର୍କରେ ବୁଦ୍ଧିଜୀବୀମାନେ କୁହନ୍ତି ବସ୍‌ଷ୍ଟାଣ୍ଡ ପାଇଁ ସ୍ଥାନ ଚିହ୍ନଟ ପୂର୍ବରୁ ଯାତ୍ରୀ,, ବୁଦ୍ଧିଜୀବୀ ବସ୍ ଓ ଟ୍ରେକର ମାଲିକ ସଂଘ, ରାଜନେତା, ବଜାର କମିଟି ଆଦିଙ୍କ ସହ ଆଲୋଚନା ହୋଇଥିଲେ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା। ଜଗତ୍‌ସିଂହପୁର ବସଷ୍ଟପ୍‌ରୁ ନୂଆ ବସ୍‌ଷ୍ଟାଣ୍ଡର ଦୂରତା ପାଖାପାଖି ୩ କି.ମି.। ସେଯାଏ ବଜାର ସମ୍ପ୍ରସାରଣ ହୋଇନାହିଁ। ଜଗତ୍‌ସିଂହପୁର ବସ ମାଲିକ ସଂଘ ସଭ୍ୟ ଆଶୁତୋଷ ବେହେରାଙ୍କୁ ପଚାରିବାରୁ, ପାରାଦୀପରୁ କଟକ ଯିବାଆସିବା କରୁଥିବା ଗାଡିଗୁଡିକ ଜଗତ୍‌ସିଂହପୁର ବଜାରରୁ ଅଯଥାରେ ୩ କି.ମି. ଯିବାକୁ ପଡିବ। ଜଗତ୍‌ସିଂହପୁର-ପାରାଦୀପ ରାସ୍ତାର ପୁରୋହିତପୁର ନିକଟରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା କରାଗଲେ ଏହି ସମସ୍ୟା ଦୂର ହେବ। ଅନୁରୂପ ଭାବେ ପୁରୀରୁ ଆସୁଥିବା ବସଗୁଡିକ ମଧ ଅନାବଶ୍ୟକ ଭାବେ ୩ କିମି ନୂଆ ବସ୍‌ଷ୍ଟାଣ୍ଡ ଯିବାରେ ଅସୁବିଧା ଅଛି। ଏଥିସହ ନୂଆ ବସ୍‌ଷ୍ଟାଣ୍ଡରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ସମସ୍ୟାର ସମାଧାନ ସାଙ୍ଗକୁ ଗେଟ୍ ଦୁଇଟିକୁ ଅଧିକ ଚଉଡା କରାଯିବା ଆବଶ୍ୟକ। ଏସବୁକୁ ଦୃଷ୍ଟିରେ ରଖି ସରକାର ଲୋକଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ନିଷ୍ପତ୍ତି ନେଲେ ଭଲ ହେବ ବୋଲି ବେହେରା କହିଛନ୍ତି।

# ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍‌ର ପରିଦର୍ଶନ

**ବିରିଡି,୧୦।୨(ଡି.ଏନ.ଏ.)**

ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ତିନିଜଣିଆ କାୟାକଳ୍ପ ଟିମ ପରିଦର୍ଶନ କରିଛନ୍ତି। ଡା. ସଂଗ୍ରାମ କିଶୋର ଦାଶଙ୍କ ନେତୃତ୍ୱରେ ଡା. ସସ୍ମିତ ବେହେରା ଓ ଡା. ବିଜୟ କୁମାର ପଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଭାଗ ଯଥା ବହିଃବିଭାଗ, ଅନ୍ତଃବିଭାଗ, ପ୍ରସୂତୀ ଗୃହ, ଅସ୍ତ୍ରୋପଚାର ଗୃହ, ଡ୍ରେସିଂ ରୁମ, ନିରାମୟ ବିତରଣ ଔଷଧ ଗୃହ, ଔଷଧ ଷ୍ଟୋର ରୁମ, ନିଦାନ ଗୃହ, ଦନ୍ତ ବହିଃବିଭାଗ, ଆୟୁଷ ବହିଃବିଭାଗ, ବର୍ଜ୍ୟବସ୍ତୁ ପରିଚାଳନା ସ୍ଥଳ, ସ୍ୱାସ୍ଥ୍ୟ କେନ୍ଦ୍ର ପରିସରକୁ ପରିଦର୍ଶନ କରିବା ସହ କର୍ମଚାରୀଙ୍କ ଜ୍ଞାନକୌଶଳ, ଯଥାବିଧି ବ୍ୟବସ୍ଥା ସମ୍ପର୍କିତ ରେକର୍ଡକୁ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ଜିଲା ପ୍ରତିନିଧି ଭାବେ ଡା. ବସନ୍ତ କୁମାର ବାରିକ, ଡିପିଏମ୍ ଚକ୍ରଧର ଜେନା, ଜିକେଏସର ସୁଜାତା ଦାଶ ଉପସ୍ଥିତ ଥିଲେ। ବିଗତ ଦିନରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଦୁଇଥର ସାନ୍ତ୍ୱନାମୂଳକ କାୟାକଳ୍ପ ସମ୍ମାନରେ ସମ୍ମାନିତ ହୋଇ ପ୍ରଶଂସା ଅର୍ଜନ କରିଥିଲା।

## ରାହାଡ଼ପୁର କ୍ରଶରରେ ଚଢ଼ାଉ

ଧର୍ମଶାଳା,(ଡି.ଏନ.ଏ.): ଧର୍ମଶାଳା ତହସିଲ ଅଧୀନ ରାହାଡ଼ପୁରସ୍ଥିତ କ୍ରଶରଗୁଡ଼ିକ ଉପରେ ତହସିଲ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି। ତେବେ ଏଠାରେ ଚାଲୁଥିବା କ୍ରଶରଗୁଡ଼ିକ କେତେ ପରିମାଣର ଓ କେଉଁଠାରୁ କଳାପଥର ଆସୁଛି ସେ ନେଇ ସୂଚନା ଦେବାକୁ ୪ କ୍ରଶର ମାଲିକଙ୍କୁ ନୋଟିସ ଜାରି କରାଯାଇଛି। ଚଢ଼ାଉରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି, ଆରୁହା ଆର୍‌ଆଇ ଜଗବନ୍ଧୁ ଜେନା, ଡଙ୍କାରୀ ଏଆର୍‌ଆଇ ମନୋଜ ସାମଲ, କାଏମା ଆର୍‌ଆଇ ବିରଞ୍ଚି ବୋଇତେଇ ପ୍ରମୁଖ ସାମିଲ ହୋଇଥିଲେ। ଏଠାରେ ଥିବା ସମସ୍ତ କ୍ରଶର ଉପରେ ଚଢ଼ାଉ ଜାରି ରହିବ ବୋଲି ଅତିରିକ୍ତ ତହସିଲଦାର ମହାନ୍ତି ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

### ରାସ୍ତାରେ ଓଲଟିଲା ଧାନ ବୋଝେଇ ଟ୍ରକ୍

ନାଉଗାଁ,୧୦।୨(ସ୍ୱ.ପ୍ର.): ନାଉଗାଁ ଥାନା କୋକିଡିହ-ଗାରୋଇ ପୂର୍ତ୍ତ ବିଭାଗ ରାସ୍ତାର ଧୂଆପଦାଠାରେ ଧାନ ବୋଝେଇ ଟ୍ରକ ବୁଧବାର ଓଲଟି ପଡ଼ିଛି। ଟ୍ରକ୍ (ନଂ. ଓଆର ୦୫ଡି୭୦୯୫) ବାଲିକୁଦା ବ୍ଲକ ଗୋଡା ସମବାୟ ସମିତି ଧାନ ମଣ୍ଡିରୁ ୨୫୯ ବ୍ୟାଗ ଧାନ ଆଣି ସନ୍ତୋଲିଆ ରାଇସ ମିଲ ଅଭିମୁଖେ ଯାଉଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଧୂଆପଦାଠାରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଛି। ଧାନ ବୋଝେଇ ଟ୍ରକ ଏହି ରାସ୍ତା ଦେଇ ଯାଉଥିଲା। କିଛିଦିନ ହେବ କାମ ହୋଇଥିବା ରାସ୍ତାରେ ଗାଡି ଯିବାରୁ ଦବିଯିବା ଫଳରେ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ନିମ୍ନମାନର କାମ ଯୋଗୁ ରାସ୍ତା ଦବିଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମେଶ ମିଶ୍ରଙ୍କୁ ପଚାରିବାରେ କାହିଁକି ଗାଡି ଓଲଟିଛି ତାହା ତଦନ୍ତ ପରେ ଜଣାପଡିବ ବୋଲି କହିଥିଲେ। ଯଦି ରାସ୍ତା ନିମ୍ନମାନର ହୋଇଥିବା ତେବେ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ମତ ରଖିଥିଲେ।

### ସାଢ଼େ ୩ ଲକ୍ଷ ଟଙ୍କାର କାଠ ଜବତ

ନୟାଗଡ ଅଫିସ,୧୦।୨: ନୟାଗଡ ବନଖଣ୍ଡ ଦଶପଲ୍ଲା ଦୁର୍ଗାବଜାର କଲୋନୀର ବିଜୟ ମହାରଣାଙ୍କ ଘରୁ ବୁଧବାର ୧୭୪ ଖଣ୍ଡ ଶାଗୁଆନ, ପିଆଶାଳ, ଆମ୍ବ ଓ ଶାଳ ପଟା ଏବଂ ସାଇଜ ପଟା ଜବତ ହୋଇଛି। ସେହିଭଳି କିଛି କାଠ ଉପକରଣ ମଧ ଜବତ ହୋଇଛି। ଯାହାର ଦାମ ୩ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ କହିଛି। ମାଜିଷ୍ଟ୍ରେଟ ତଥା ଦଶପଲ୍ଲା ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ଉପସ୍ଥିତିରେ ନୟାଗଡ ଡିଏଫଓ ଏଚଡି ଧନରାଜ, ଦଶପଲ୍ଲା ରେଞ୍ଜର ଅଖିଳେଶ ମଲ୍ଲିକ ଚଢ଼ାଉରେ ସାମିଲ ହୋଇଥିଲେ। ସେହିପରି ମଙ୍ଗଳବାର ଟାକେରା ରିଜର୍ଭ ଫରେଷ୍ଟ କମ୍ପାର୍ଟମେଣ୍ଟ-୨ରୁ ବୋଲେରୋ ବୋଝେଇ ୪ଟି ଶାଳଗଣ୍ଡି ଜବତ କରାଯାଇଛି। ଏହି ଘଟଣାରେ କଟକ ଜିଲା ବଡମ୍ବା ରତାପାଟର ପ୍ରଭାତ ପ୍ରଧାନ(୩୮) ଓ ଖଣ୍ଡପଡାର କୁମ୍ଭାରପଡାର ମହେନ୍ଦ୍ର ପଣ୍ଡା(୪୨)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### କବାଟ ତାଡ଼ି ସୁନା ଅଳଙ୍କାର ଚୋରି

ରାଜନଗର,୧୦।୨(ଡି.ଏନ.ଏ.): ରାଜନଗର ଥାନା ଅଧୀନ କୋଇଲିପୁର ପଞ୍ଚାୟତ କାଙ୍କଦିଆଗାଁର ନିର୍ମଳା ମଲିକଙ୍କ ଘରୁ ମଙ୍ଗଳବାର ରାତିରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଚୋରି ହୋଇଯାଇଛି। ଦୁର୍ବୃତ୍ତ ତାଙ୍କ ଘରର କବାଟ ତାଡି ଏହି କାଣ୍ଡ ଭିଆଇଛନ୍ତି। ଏ ସଂକ୍ରାନ୍ତରେ ରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପରିବାର ଲୋକେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଦୁର୍ବୃତ୍ତ ତାଙ୍କ ଘରେ ପଶି ଆଟାଚିରେ ଥିବା ୪ ପଟ ଶଙ୍ଖା, ଗୋଟିଏ ମଙ୍ଗଳସୂତ୍ର, ଚେନ, ଦୁଇ କାନଫୁଲ, ଦୁଇ ମୁଦି, ରୁପା ପାଉଁଜ, ନଗଦ ୨୦ ହଜାର ଟଙ୍କା ସମେତ ବ୍ୟାଙ୍କ ପାସବୁକ, ଏଟିଏମକାର୍ଡ, ଏଲଆଇସିବଣ୍ଡ ଆଦି ନେଇଯାଇଛନ୍ତି। ଏ ନେଇ ଥାନାରେ ମାମଲା (ନଂ ୪୩/୨୧) ରୁଜୁ ହୋଇଛି।

### ସିଏ ଫାଉଣ୍ଡେଶନ୍ ଏଣ୍ଟ୍ରାନ୍ସ ସୁନୀଲ ପଣ୍ଡା ଓଡ଼ିଶା ଟପ୍ପର

ପଟ୍ଟାମୁଣ୍ଡାଇ,୧୦।୨(ସ୍ୱ.ପ୍ର.): ସିଏ ଫାଉଣ୍ଡେଶନ ଏଣ୍ଟ୍ରାନ୍ସ ପରୀକ୍ଷାରେ ଓଡିଶା ଟପ୍ପର ହୋଇଛନ୍ତି ସୁନୀଲ ପଣ୍ଡା। କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ କୁନ୍ଦୁପୁର ଗ୍ରାମର ସୁକାନ୍ତ ପଣ୍ଡାଙ୍କ ପୁଅ ସୁନୀଲ ରାଜ୍ୟ ଟପ୍ପର ହେବା ସହିତ ୮୧ପ୍ରତିଶତ ନମ୍ବର ରଖି ସର୍ବଭାରତୀୟସ୍ତରରେ ଡିଷ୍ଟିଂଶନ୍ ପାଇଛନ୍ତି। ସୁନୀଲଙ୍କ



ସମେତ କେନ୍ଦ୍ରାପଡା ଜିଲାର ୧୧ ପରୀକ୍ଷାର୍ଥୀ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୁନୀଲ ପିଲା ଦିନରୁ ମେଧାବୀ ଛାତ୍ର ଥିଲେ। ବାପା ସୁକାନ୍ତ ଜଣେ ଚାଷୀ ଓ ମା' ବିଦ୍ୟୁଲତା ଗୃହିଣୀ। ଚାଷରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳେ। ପଟ୍ଟାମୁଣ୍ଡାଇ ମଦନପୁର ହାଇସ୍କୁଲରେ ମାଟ୍ରିକ୍ ପରୀକ୍ଷାରେ ସୁନୀଲ ୫୨୪ନମ୍ବର ରଖି ପାସ୍ କରିବା ପରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାମ ଲେଖାଇଥିଲେ। ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାରେ ସେ ଜିଲା ଟପ୍ପର୍ ହେବା ସହିତ ରାଜ୍ୟରେ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ତିନିମୁହାଣିସ୍ଥିତ ଆଇଏପି ବାଣିଜ୍ୟ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିବା ସୁନୀଲ ଏବେ ୮୧ପ୍ରତିଶତ ନମ୍ବର ରଖି ସି.ଏ.ଫାଉଣ୍ଡେଶନ୍ ଏଣ୍ଟ୍ରାନ୍ସରେ ରାଜ୍ୟ ଟପ୍ପର ହୋଇଥିବାରୁ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ଆସୁଛି।

# ଉଦ୍‌ଘାଟନର ୨ ବର୍ଷ ପରେ ଅଚଳ

ବରୀ,୧୦।୨(ଡି.ଏନ.ଏ.)

- କୃଷ୍ଣନଗର ଚିନି କାରଖାନା ଏବେ ଭୂତକୋଠି
- ୨ ବର୍ଷ କାର୍ଯ୍ୟକ୍ଷମ ପରେ ଅଚଳ
- ପୁନରୁଦ୍ଧାର କରିବାକୁ ଦାବି



ଯାଜପୁର ଜିଲା ବରୀ ବ୍ଲକ ଅଧୀନ କୃଷ୍ଣନଗରଠାରେ ୧୯୭୫ରେ ଚାଲୁ ହୋଇଥିବା ଚିନିକଳ କାରଖାନା ୨ବର୍ଷ ପରେ ଅଚଳ ହୋଇପଡ଼ିଛି। ଫଳରେ ଏହି କାରଖାନା ଏବେ ଭୂତକୋଠିରେ ପରିଣତ ହୋଇଛି। ଏହା ଉପରେ ନିର୍ଭର କରୁଥିବା ବ୍ଲକ ଅଧୀନ ଗମ୍ଭୁ, ସେରପୁର, କୃଷ୍ଣନଗର, ହଳଦୀବସନ୍ତ, ଅଣିକଣା, ବାଲିଆ, ଧାରପୁର, ମହାକାଳପଡ଼ା ଆଦି ଅଞ୍ଚଳ ଆଖୁଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଚିନି କାରାଖାନାକୁ ଭରସା କରି ସେମାନେ ଚାଷ କରୁଥିଲେ। ତେବେ ହଠାତ୍ କାରଖାନା ବନ୍ଦ ହୋଇଯିବାରୁ ଅନେକ ଚାଷୀ ଆଖୁ ଚାଷ ଛାଡ଼ି ଦେଇଛନ୍ତି। ଏବେ ଯେଉଁମାନେ ଚାଷ କରୁଛନ୍ତି ସେମାନେ ଶକ୍ତିସୁଗାର କମ୍ପାନୀକୁ ଆଖୁ ବିକ୍ରି କରୁଛନ୍ତି। ଚିନିକଳ ଥିବା ସ୍ଥାନଟି ବରୀ ବ୍ଲକ୍‌ର ବ୍ରାହ୍ମଣୀ ଓ ବିରୂପା ନଦୀ ନିକଟରେ ଥିବାରୁ ଚାଷୀ ଏହି ନଦୀଜଳକୁ ବ୍ୟବହାର କରି ଚାଷ କରୁଥିଲେ। ମାତ୍ର କାରଖାନା ଅଚଳ ହେବାରୁ ଚାଷ ପ୍ରଭାବିତ ହୋଇଥିଲା। ଏହାର ସୁଯୋଗରେ କୋଲକାତାର ଜଣେ ବ୍ୟବସାୟୀ ବେଆଇନ ଭାବେ ଏହାକୁ ବିକ୍ରି କରି ଦେଇଥିଲେ। ହେଲେ ପ୍ରଶାସନିକ ଅଧିକାରୀଙ୍କ ଘାଣ୍ଟୁତା ଯୋଗୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା।

୧୯୬୦ରେ କୃଷ୍ଣନଗରଠାରେ ୫ ଏକର ଜମିରେ ଏହି ଚିନିକଳର ଭିତ୍ତିପ୍ରସ୍ତର ହୋଇଥିଲା। ଚିନି କାରଖାନା ପ୍ରତିଷ୍ଠା କ୍ଷେତ୍ରରେ ବିଞ୍ଝାରପୁର ପ୍ରାକ୍ତନ ବିଧାୟକ ସ୍ୱର୍ଗତ ଚିତ୍ତରଞ୍ଜନ ନାୟକ, ବରୀ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ରୁଦ୍ରଚରଣ ସାମଲ, ପୂର୍ବତନ ସରପଞ୍ଚ ବୀରକିଶୋର ରାୟ ଓ ସ୍ୱାଧୀନତା ସଂଗ୍ରାମୀ ଭିକାରୀ ଚରଣ ମହାନ୍ତି ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ପ୍ରାକ୍ତନ ଶିଳ୍ପ ମନ୍ତ୍ରୀ କାହ୍ନୁ ଚରଣ ଲେଙ୍କା ଚିନି କାରଖାନାକୁ ଉଦ୍‌ଘାଟନ କରିଥିଲେ। ଚିତ୍ତରଞ୍ଜନଙ୍କ ପରେ ତାଙ୍କ ପୁଅ ତଥା ବରୀର ତତ୍କାଳୀନ ବିଧାୟକ ଦେବାଶିଷ ନାୟକ ୨୦ ବର୍ଷ ଏହି ନିର୍ବାଚନମଣ୍ଡଳୀରୁ ବିଧାୟକ ହେବା ପରେ ମଧ ଏହାର ପୁନରୁଦ୍ଧାର ଦିଗରେ ଉଦ୍ୟମ କରି ନ ଥିଲେ। ଫଳରେ ଏହାକୁ ନେଇ ସେ ଅନେକ ଥର ସମାଲୋଚନାର ଶିକାର ହୋଇଛନ୍ତି।

ଚିନି କାରଖାନା କାର୍ଯ୍ୟକ୍ଷମ ଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ କରୁଥିଲେ। ସେଥିମଧ୍ୟରୁ ୨୦ ଶ୍ରମିକଙ୍କୁ ସରକାରୀସ୍ତରରେ ନିଯୁକ୍ତି ଦିଆଯାଇଥିଲା। ଏଠାରେ ପ୍ରଶ୍ନ ଉଠେ ରାଜ୍ୟ ଓ କେନ୍ଦ୍ର ସରକାର କୃଷକଙ୍କ ବିକାଶ କ୍ଷେତ୍ରରେ ଡିଣ୍ଡିମ ପିଟୁଛନ୍ତି। ହେଲେ ବରୀ ଭଳି କୃଷି ପ୍ରବଣ ଅଞ୍ଚଳରେ ଥିବା ଏଭଳି ଶିଳ୍ପର ପୁନରୁଦ୍ଧାର ପାଇଁ କୌଣସି ଉଦ୍ୟମ କରୁନାହାନ୍ତି। ଯାହାକି ଏହି କାରାଖାନାର ପୁନରୁଦ୍ଧାର ଲାଗି ସରକାରଙ୍କ ଉଦ୍ୟମ ନ ଥିବା ମନେ ହେଉଛି ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

ଏସମ୍ପର୍କରେ ବରୀ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗଗନ ବିହାରୀ ଜେନା କହିଛନ୍ତି, ଚିନି କାରଖାନା ପୁନରୁଦ୍ଧାର ନ ହେବା ଦୁଃଖ ଓ ପରିତାପର ବିଷୟ। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟିଦେବା ଆବଶ୍ୟକ। ଆଖୁ ଚାଷୀ ଫକିର ସିଂ କହିଛନ୍ତି, ଋଣ କରି ଆଖୁ ଚାଷ କରାଯାଉଛି। ହେଲେ ନିକଟରେ ଚିନି କାରଖାନା ନ ଥିବାରୁ ବାହାର କମ୍ପାନୀଙ୍କୁ କମ୍ ମୂଲ୍ୟରେ ଆଖୁ ବିକ୍ରି କରିବାକୁ ପଡୁଛି। ଫଳରେ ଲାଭ ତ ଦୂରର କଥା ଖର୍ଚ୍ଚ ମଧ ଉଠୁନାହିଁ। ବରୀ ବିଧାୟିକା ସୁନନ୍ଦା ଦାସ କହିଛନ୍ତି, ବରୀ ଏକ କୃଷି ଭିତ୍ତିକ ଅଞ୍ଚଳ। ତେଣୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ପୁନରୁଦ୍ଧାର ପାଇଁ ଉଦ୍ୟମ କରିବି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ଶ୍ରୀଧର ଦାସ କହିଛନ୍ତି, ଏହି ଚିନିକଳ କାରଖାନା ପୁରାତନ କୃଷିଭିତ୍ତିକ ଶିଳ୍ପ। ଏହାର ପୁନରୁଦ୍ଧାର ହେବା ଜରୁରୀ। ମାତ୍ର ସରକାରଙ୍କ ପକ୍ଷରୁ ଏନେଇ କୌଣସି ବ୍ୟୟବରାଦ ହେଉ ନ ଥିବାରୁ ଏହାର ପୁନରୁଦ୍ଧାର ହୋଇ ପାରୁନାହିଁ।

# ଡକାୟତି ଗ୍ୟାଙ୍ଗ୍ ଗିରଫ



ଗିରଫ ଲୁଟେରା ଓ ଜବତ ମାରଣାସ୍ତ୍ର।

କଳିଙ୍ଗନଗର,୧୦।୨(ଡି.ଏନ.ଏ.)

କଳିଙ୍ଗନଗର ଥାନା ପୋଲିସ ଏକ ଡକାୟତି ଗ୍ୟାଙ୍ଗର ୭ଜଣଙ୍କୁ କାବୁ କରିବା ସହ ସେମାନଙ୍କଠାରୁ ବନ୍ଧୁକ ଓ ମାରଣାସ୍ତ୍ର ଜବତ କରିଛି। ୯ ତାରିଖ ରାତିରେ ଡୁବୁରୀହାଟ ନିକଟ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପଛପଟେ ଏହି ଗ୍ୟାଙ୍ଗ ଡକାୟତି ଉଦ୍ୟମ କରୁଥିଲେ। ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏହି ଖବର ପାଇ ସେଠାରେ ଚଢ଼ାଉ କରିଥିଲା। ଥାନାଧିକାରୀ ସୁଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଲୁଟେରା ଗ୍ୟାଙ୍ଗକୁ କାବୁ କରାଯାଇଥିଲା। ଲୁଟେରାମାନେ ବ୍ୟବହାର କରୁଥିବା ମାରଣାସ୍ତ୍ର ଯଥା: ଏକ ଦେଶୀ ପିସ୍ତଲ, ୨ଟି ତେଲେଙ୍ଗା କଟୁରୀ, ୨ କତା, ୪ କିଳା, ୪ ବାଇକ, ୧୦ ଚୋରା ମୋବାଇଲକୁ ପୋଲିସ ଜବତ କରିଛି। ଲୁଟେରା ସୁକିନ୍ଦା ଅଞ୍ଚଳର ଇନ୍ଦ୍ରମଣି ମହନ୍ତ(୨୭), ଡୁବୁରୀ ମାଟିଆ ସାହିର ଜଗନ ଦାସ(୨୮), ଦାନଗଦୀ ଅଞ୍ଚଳର ସୋନୁ ସେଠୀ(୨୨), ଡୁବୁରୀର କୁନା ବେହେରା(୨୩), ନଡିଆଭଙ୍ଗା ଅଞ୍ଚଳର ଅଗସ୍ତି ଦାସ(୨୧), ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ପରମନ୍ତ ରଣା(୨୭) ଓ ଦାନଗଦୀ ଅଞ୍ଚଳର ପରମାନନ୍ଦ ମଲିକ(୨୨)ଙ୍କୁ ଗିରଫ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୩୫/୨୧)ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ କେତେଜଣଙ୍କ ନାମରେ ଯାଜପୁର ରୋଡ୍, କଳିଙ୍ଗନଗର ଓ ସୁକିନ୍ଦା ଥାନା ଅଞ୍ଚଳରେ ପ୍ରାୟ ୩୦ ମାମଲା ଥିବା ଜଣାପଡ଼ିଛି। ଚଢ଼ାଉରେ ସବଇନ୍ସପେକ୍ଟର ଅଜୟ କୁମାର ସାହୁଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ମଛଦିଆ ନିଲାମ ବାତିଲ ଦାବି ଜୋର ଧରିଲା



ଧାରଣାରେ ବସିଥିବା ଗ୍ରାମବାସୀ।

ପଟ୍ଟାମୁଣ୍ଡାଇ,୧୦।୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ପଞ୍ଚାୟତ ଅଳତାଙ୍ଗ ମଛଦିଆ ନିଲାମ ବାତିଲ ଦାବି କରି ବୁଧବାର ଶତାଧିକ ଗ୍ରାମବାସୀ ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଚାଷୀ ବି ଏହି ଧାରଣାରେ ସାମିଲ ହୋଇଥିଲେ। ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି, ମଛଦିଆ ନିଲାମ ନେଇଥିବା ବ୍ୟକ୍ତି ପାଣି କାଟିଦେଉଥିବାରୁ ଲୁଣାପାଣି ଚାଷ ଜମିରେ ମାଡି ଫସଲ ନଷ୍ଟ କରୁଛି। ଲୁଣିପାଣି ମାଡୁଥିବା ଅଞ୍ଚଳରେ ମଛଦିଆ ନିଲାମ ନ କରିବାକୁ ରାଜସ୍ୱ ଓ ଅବକାରୀ ବିଭାଗ ପକ୍ଷରୁ ୨୦।୩।୧୯୯୮ରେ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଏବେ ବି ବଳବତ୍ତର ରହିଛି। ତଥାପି ତେରୋହି ଗ୍ରାମର ବିଚିତ୍ର ରାଉତ, ମେଘନାଦ ସାହୁଙ୍କୁ ଅକ୍ଟୋବରରେ ବ୍ଲକ ପକ୍ଷରୁ ନିଲାମ ଦିଆଯାଇଛି। ସମଗ୍ର ଉତିକଣ ଭେଡାର ଜଳ ନିଷ୍କାସନ ପଥ ଅଳତାଙ୍ଗ ପାଟନାଳୀ ହୋଇଥିବା ବେଳେ ନିଲାମଧାରୀ ଜାଲ ବସାଇ ମାଛ ମାରୁଛନ୍ତି। ନିଲାମ ବାତିଲ ପାଇଁ ଅଳତାଙ୍ଗ ଗ୍ରାମର ଶ୍ରୀତାଂଶୁ ନାୟକ, କାଳିନ୍ଦୀ ସେଠୀ, ଯୁଧିଷ୍ଠିର ନାୟକ, ବସନ୍ତ ଜେନା, ଶିବପ୍ରସାଦ ସାମଲ, କୁଞ୍ଜଲତା ସେଠୀ, ମିନତୀ ସେଠୀ, ଇଚ୍ଛା ସେଠୀଙ୍କ ସମେତ ଶତାଧିକ ଗ୍ରାମବାସୀ ଧାରଣା ଦେଇଥିଲେ। ଖବରପାଇ ବିଡିଓ ଭରତ ଚନ୍ଦ୍ର ପରିଡା ଆନ୍ଦୋଳନକାରୀଙ୍କ ସହ ନିଲାମ ବାତିଲ ସମ୍ପର୍କରେ ଆଲୋଚନା କରିଥିଲେ। ଏହା କେନ୍ଦ୍ରାପଡା ଉପଜିଲାପାଳଙ୍କ କ୍ଷମତା ହୋଇଥିବାରୁ ଦରଖାସ୍ତ ତାଙ୍କ ନିକଟକୁ ପଠାଇ ଆଲୋଚନା କରିବି, ଉପଜିଲାପାଳ ତଦନ୍ତ କରିବାକୁ ଆସିବେ ବୋଲି ବିଡିଓ କହିଥିଲେ। ନିଲାମ ବାତିଲ ପର୍ଯ୍ୟନ୍ତ ଅଳତାଙ୍ଗ ପାଟନାଳୀରେ ଜାଲ ବସାଇବା ବନ୍ଦ କରିବାକୁ ଆନ୍ଦୋଳନକାରୀ ଦାବି କରିଥିଲେ। ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷେ ବିଲିକଣାର ଲୋକପ୍ରତିନିଧି ନିଲାମ ବାତିଲ ନ କରିବା ପାଇଁ ବିଡିଓଙ୍କୁ ଅନ୍ୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଦର୍ଶାଇଛନ୍ତି ଧାରଣା ଦେଇଥିବା କେତେଜଣ ବ୍ୟକ୍ତି ମଛଦିଆ ପାଟ ନାଳିରେ ବେଆଇନ ଭାବେ ପୋଖରୀ ଖୋଳି ମାଛ ମାରୁଛନ୍ତି। ମାଛ ମାରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ହୃଦୟ ରାଉତ, ବସନ୍ତ ନାୟକ, ବିଷ୍ଣୁ ସେନ ସ୍ୱାଇଁ, ଅରକ୍ଷିତ କର, ଅମୂଲ୍ୟ କର, ତ୍ରିଲୋଚନ ବିଶ୍ୱାଳ, ସନାତନ ସେଠୀ ପ୍ରମୁଖ ଦାବି କରିଛନ୍ତି। ନିଲାମ ବାତିଲ ହେଲେ ସେମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି।

## ନୟାଗଡ଼ରେ କିନ୍ନର ସମାବେଶ

ନୟାଗଡ ଅଫିସ,୧୦।୨

ନୟାଗଡ଼ର ସେବା ପରିସରରେ କିନ୍ନରମାନଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଯୋଗ ଦେଇ କିନ୍ନରମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପଦକ୍ଷେପ ଆରମ୍ଭ ହୋଇଛି । ସମସ୍ତଙ୍କ ସୁବିଧା ପାଇଁ କ୍ୟାମ୍ପ ମୋଡରେ ଆଧାର ପଞ୍ଜିକରଣ ଓ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି କହିଥିଲେ । କିନ୍ନରଙ୍କ ମଧ୍ୟରେ ୫ଜଣ ଗ୍ରାଜୁଏଟ୍ ଥିବାରୁ ଜିଲାପାଳ ଖୁସି ବ୍ୟକ୍ତ କରିଥିଲେ । ଆଇନ ସେବା ପ୍ରାଧିକରଣର ସଚିବ ରଞ୍ଜୁଲତା ଲେଙ୍କା ଯୋଗ ଦେଇ ଆଇନ ସେବା ପ୍ରାଧିକରଣ ପକ୍ଷରୁ କିନ୍ନରମାନଙ୍କୁ ମାଗଣା ଆଇନ ସେବା ଯୋଗାଇବା ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ତାରକା ପ୍ରସନ୍ନ ତ୍ରିପାଠୀ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଜୟନ୍ତ କୁମାର ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ସାହୁ, ରାଜ୍ୟ ଏଡସ ନିୟନ୍ତ୍ରଣ ସମିତିର ଟେକ୍ନିକାଲ ଅଫିସର ରାକେଶ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଗଣିଆ ଉନ୍ନୟନ ପରିଷଦର ସଭାନେତ୍ରୀ ଉଷା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ୩୫ କିନ୍ନର ଯୋଗ ଦେଇଥିଲେ ।

## ବିନିଯୋଗ ନ ହୋଇ ୨ କୋଟି ଟଙ୍କା ଫେରିବ

କେନ୍ଦ୍ରାପଡା ଅଫିସ, ୧୦।୨

କେନ୍ଦ୍ରାପଡା ଜିଲାର ଉନ୍ନତି ପାଇଁ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରୁଛନ୍ତି । ତେବେ ଏହି ଅର୍ଥ ବିନିଯୋଗ ନ ହୋଇ ପଡିରହିଛି। ଏପରି ସ୍ଥିତି ରହିଲେ ଜିଲା ପରିଷଦକୁ ମିଳିଥିବା ପ୍ରାୟ ୨ କୋଟି ଟଙ୍କା ଫେରିଯିବ ବୋଲି ଆଲୋଚନା ହେଉଛି। ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ଗ୍ରାଣ୍ଟ ଇନ୍ ଏଡ଼ ବାବଦରେ ୫ମ ରାଜ୍ୟ ଅର୍ଥ କମିଶନଙ୍କ ଅନୁମୋଦନ କ୍ରମେ ୨୦୨୦ ଡିସେମ୍ବର ୧୦ରେ ସମସ୍ତ ଜିଲା ପରିଷଦକୁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ୫୨କୋଟି ୩୩ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । କେନ୍ଦ୍ରାପଡ଼ା ଜିଲା ପରିଷଦକୁ ଏଥିରୁ ୧କୋଟି ୪୯ଲକ୍ଷ ୯୪ହଜାର ଟଙ୍କା ମିଳିଥିଲା। ସେହିପରି ଜାନୁୟାରୀ ୧୨ରେ ଜଳାଶୟ ସୁରକ୍ଷା ଓ ବିକାଶ ପାଇଁ ସମସ୍ତ ଜିଲା ପରିଷଦକୁ ୨୦ କୋଟି ୮୩ ଲକ୍ଷ ଟଙ୍କା ଓ ୨୦ ତାରିଖରେ ଗ୍ରାମ୍ୟ ହାଟର ବିକାଶ ପାଇଁ ୫୦ କୋଟି ଟଙ୍କା ଜିଲା ପରିଷଦକୁ ଗ୍ରାଣ୍ଟ ଇନ୍ ଏଡ଼ ଆକାରରେ ଯୋଗାଇ ଦିଆଯାଇଛି। ଏଥିରୁ କେନ୍ଦ୍ରାପଡ଼ା ଜିଲା ପରିଷଦକୁ ତା'ର ଭାଗ ମିଳିଥିଲେ ମଧ୍ୟ ପ୍ରଶାସନ ଏ ସମ୍ପର୍କରେ ସଭ୍ୟାସଭ୍ୟଙ୍କୁ ନ ଜଣାଇ ଚୁପ୍ ବସିଛି। ଏଥିସହ ୫ମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସ କ୍ରମେ ଜିଲା ପରିଷଦକୁ ମିଳିଥିବା ଆର୍ଥିକ ଅନୁଦାନ ଓ ୧୫ତମ କେନ୍ଦ୍ରୀୟ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ଜିଲା ପରିଷଦକୁ ମିଳୁଥିବା ଆର୍ଥୀକ ଅନୁଦାନର ବିନିଯୋଗରେ ପ୍ରଶାସନ ବିଫଳ ହୋଇଥିବା କେତେଜଣ ଜିଲା ପରିଷଦ ସଭ୍ୟ ଏନେଇ କ୍ଷୋଭ ପ୍ରକାଶ କରିଛନ୍ତି । ଏସମ୍ପର୍କରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ମିଳିପାରିନାହିଁ।

## ରସୁଲପୁରର ୧୬୦ ଗ୍ରାମକୁ ପାନୀୟଜଳ ଯୋଗାଣ ଯୋଜନା

ରସୁଲପୁର,୧୦।୨(ଡି.ଏନ.ଏ.)

**ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ବିଧାୟକ**

ଜଳ ଜୀବନ ମିଶନ ଜରିଆରେ ରସୁଲପୁର ବ୍ଲକର ୧୬୦ ଗାଁକୁ ପାନୀୟ ଜଳ ଯୋଗାଣ କରାଯିବା ନେଇ ରାଜ୍ୟ କ୍ୟାବିନେଟର ମଞ୍ଜୁରୀ ମିଳିଛି। ଏହି ଘୋଷଣା ପରେ ବୁଧବାର ରସୁଲପୁର ବ୍ଲକ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମ୍ମିଳନୀରେ କୋରେଇ ବିଧାୟକ ଅଶୋକ କୁମାର ବଳ, ବରୀ ବିଧାୟିକା ସୁନନ୍ଦା ଦାସ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ପ୍ରମୁଖ ଯୋଗଦେଇ ଯାଜପୁର ଜିଲା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଜଳ ମିଶନ ଅନୁଦାନ ସମ୍ପର୍କରେ ସୂଚନା ଦେବାସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସୂଚନା ମୁତାବକ ଜିଲାର ୫ ବ୍ଲକରେ ୩୨୩ ଗ୍ରାମର ୩ଲକ୍ଷ ୯୦ ହଜାର ୮୬୮ଜଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ। ରସୁଲପୁର ବ୍ଲକରେ ୧୬୦ ଗ୍ରାମର ୧ ଲକ୍ଷ ୭୮ହଜାର ୫୭୦ଜଣ, ଯାଜପୁର ବ୍ଲକରେ ୫୦ ଗ୍ରାମର ୪୯,୪୩୮ଜଣ, ବରୀ ବ୍ଲକରେ ଗୋଟିଏ ଗ୍ରାମ ପାଇଁ ୧୧୭୫, ଧର୍ମଶାଳା ବ୍ଲକରେ ୮ଟି ଗ୍ରାମରେ ୨୫୯୭ ଓ ଦାନଗଦି ବ୍ଲକରେ ୧୦୪ ଗ୍ରାମର ୧ଲକ୍ଷ ୫୯ହଜାର ୮୮ଜଣ ଉପକୃତ ହେବେ। ଉକ୍ତ କାର୍ଯ୍ୟ ୨୦୨୪ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବିଧାୟକ ବଳ ସୂଚନା ଦେଇଛନ୍ତି।

## ବାଲେଶ୍ୱର ଆଲଏଜ ଶ୍ରମିକ ଆନ୍ଦୋଳନ ଜାରି: ୧୨ରେ ତ୍ରିପାକ୍ଷିକ ବୈଠକ

କାଳିଆପାଣି,୧୦।୨(ଡି.ଏନ.ଏ.)

ବାଲେଶ୍ୱର ଆଲଏଜ କମ୍ପାନୀର ଶ୍ରମିକ ଓ କର୍ମଚାରୀଙ୍କ ୧୦ ମାସର ଦରମା ଦାବିରେ ଧାରଣା ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ତେବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଦାବିଗୁଡ଼ିକ ଉପରେ ଆଲୋଚନା ପାଇଁ କଳିଙ୍ଗନଗରଠାରେ ଆସନ୍ତା ୧୨ରେ ଏକ ତ୍ରିପାକ୍ଷିକ ବୈଠକ ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କର୍ମଚାରୀ ଓ ଶ୍ରମିକଙ୍କ ବିବାଦ ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଶ୍ରମିକ ସଂଘ ଜଣାଇଛି। ସେହିପରି ପୂର୍ବରୁ ବହୁଥର ସମାଧାନ ବୈଠକ କରାଯାଇ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ହେଲେ ଏହା କାର୍ଯ୍ୟକାରୀ ହେଉ ନ ଥିବାରୁ କର୍ମଚାରୀ ସନ୍ଦେହରେ ରହିଛନ୍ତି।

## କନିଷ୍ଠ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ

ଚଣ୍ଡିଖୋଲ,୧୦।୨(ଡି.ଏନ.ଏ.)

**ପଞ୍ଚାୟତ ଭବନ ନିର୍ମାଣରେ ଅନିୟମିତତା**

ବଡ଼ଚଣା ବ୍ଲକ ଅଧୀନ ପତରାଜପୁର ପଞ୍ଚାୟତର ପଞ୍ଚାୟତ ଭବନ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହେବାପରେ ବୁଧବାର ବିଡିଓ ଅଜିତ ନାରାୟଣ ଗିରି ନିର୍ମାଣ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ପତ୍ର ସଂଖ୍ୟା ୬୮୩ରେ ପଞ୍ଚାୟତ ଭବନ ନିର୍ମାଣରେ ବ୍ୟବହୃତ ରଡ୍ ନିମ୍ନମାନର ଏବଂ ସରକାରୀ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରାଯାଇଥିବା ସେ ଦର୍ଶାଇଛନ୍ତି। ଏହାର ଛାତ, ପ୍ଲିଣ୍ଥ୍ ଢଳେଇ ଆଦି ନିମ୍ନମାନର ହୋଇଥିବା ମଧ ଦର୍ଶାଇଛନ୍ତି। ଭବନ ନିର୍ମାଣ ସମୟରେ ବ୍ୟବହୃତ ସମସ୍ତ ପଦାର୍ଥ ସରକାରୀ ନିୟମବଳୀକୁ ଉଲ୍ଲଂଘନ କରୁଥିବା ନେଇ ଚିଠିରେ ଉଲ୍ଲେଖ ରହିଛି। ୨୦ଲକ୍ଷ ଟଙ୍କା ବ୍ୟୟରେ ଚାଲିଥିବା ଏହି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାର କାର୍ଯ୍ୟାଦେଶ ବ୍ଲକ କନିଷ୍ଠଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କ ନାମରେ ରହିଛି। ଗୃହ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ପରେ ୫ ତାରିଖରେ ବିଡିଓ କ୍ଷେତ୍ର ପରିଦର୍ଶନ କରି ଏସମ୍ପର୍କରେ ଜାଣିବାକୁ ପାଇଥିଲେ। ସେଥିପାଇଁ ବିଡିଓ ଗିରି ଏକ ଟେକ୍ନିକାଲ ଟିମ୍‌କୁ ନେଇ ତଦାରଖ କରିବା ସମୟରେ ବିଭାଗୀୟ କନିଷ୍ଠଯନ୍ତ୍ରୀ କାର୍ଯ୍ୟକୁ ଦେଖିନାହାନ୍ତି କିମ୍ବା ତଦାରଖ କରିନାହାନ୍ତି ବୋଲି ଉଲ୍ଲେଖ କରିବା ସହିତ ଏ ସମ୍ପର୍କରେ ତିନି ଦିନ ମଧ୍ୟରେ ଜବାବ ଦେବା ପାଇଁ ସେ କନିଷ୍ଠଯନ୍ତ୍ରୀଙ୍କୁ ନୋଟିସ ଜାରି କରିଛନ୍ତି। ଏହାର ନକଲ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ବ୍ଲକ୍ ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଯେଉଁଭଳି ଭାବରେ ଦୁଇ ତଳ ବିଶିଷ୍ଟ ପଞ୍ଚାୟତ ଭବନ କୋଠା ନିର୍ମାଣ କରାଯାଇଛି ତାହାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସମ୍ପର୍କରେ ବିଡିଓ ଗିରି କହିଛନ୍ତି, ସମ୍ପୃକ୍ତ ପଞ୍ଚାୟତ ଭବନ କାର୍ଯ୍ୟ ନିମ୍ନମାନର ହୋଇଛି। ତେଣୁ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପୋଖରୀ ଖୋଳା ନାଁରେ ୪୦ ଲକ୍ଷ ଟଙ୍କା ଚଳୁ

ନୟାଗଡ଼ ଅଫିସ,୧୦।୨

**ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି**

- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ



ପୋଖରୀ ଖୋଳିବା ପାଇଁ ଶ୍ରମିକଙ୍କ ବଦଳରେ ମେଶିନ କାମ କରୁଛି।

ନୟାଗଡ଼ ଜିଲା ଭାପୁର ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଏହି ବ୍ଲକରେ ପ୍ରାୟ ୫ଟି ପୋଖରୀ ଖୋଳା ନାମରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଫଲ୍‌ସ ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ତଥାପି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତଦନ୍ତ ଆଳରେ ଦୁର୍ନୀତିକୁ ଶୀତଳଭଣ୍ଡାରରେ ଫୋପାଡି ଦିଆଯାଇଛି। ଅନ୍ୟପକ୍ଷେ ଦୁର୍ନୀତି ଲୁଚାଇବା ପାଇଁ ମରାଗାଡିଆ ଓ ବିଜିପୁର ପଞ୍ଚାୟତରେ ଲୁଚାଛପା କାମ ଚାଲିଛି। କୋଭିଡ୍ କଟକଣା ସମୟରେ ମେଶିନ ଦ୍ୱାରା ପୋଖରୀ ଖୋଳାଯାଇଥିବା ଅନୁରୂପ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଦୁଇ ପୋଖରୀ ଖୋଳିବା ପାଇଁ ୪୦ରୁ ୫୦ ହଜାର ଟଙ୍କା ବ୍ୟୟ କରାଯାଇ ସବୁ କିଛି ଠିକ୍ ଭାବେ ଚାଲିଛି ବୋଲି ସଫେଇ ଦିଆଯାଇଛି। ଏମ୍‌ଜିଏନ୍‌ଆରଇଜିଏସ୍ କାମକୁ ଅନୁଧ୍ୟାନ କଲେ ଭାପୁର ବ୍ଲକ୍ ଏପରି ଦୁର୍ନୀତିରେ ଜିଲାରେ ପ୍ରଥମ ବୋଲି ଚର୍ଚ୍ଚା ଜୋର ଧରିଛି।

ଅଭିଯୋଗ ଅନୁଯାୟୀ, ଭାପୁର ବ୍ଲକ୍ ଭଗବାନପୁର ପଞ୍ଚାୟତ ଲୁଣିଆଗୁଡିରେ ସାଇମନ୍ଦିର ଉନ୍ନତୀକରଣ ପାଇଁ ଚଣ୍ଡିମୁଣ୍ଡିଆ ଉପରେ ଜଳବିଭାଜିକା ତରଫରୁ ୨୦୧୮-୧୯ ଆର୍ଥିକ ବର୍ଷରେ ପୋଖରୀ ଖନନ କରାଯାଇଥିଲା । ତେବେ ଜଳ ବିଭାଜିକାର ପୋଖରୀକୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସାମିଲ କରି ଫଲ୍‌ସ ବିଲ୍ କରାଯାଇ ୬ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ପୋଖରୀ ପାଇଁ ୯ ଲକ୍ଷ ୪୫ ହଜାର ଟଙ୍କାର ମଞ୍ଜୁର ହୋଇଥିଲା। ସେହିପରି ବାଇଗୁଣିଆ ପଞ୍ଚାୟତ ନୂଆପଲ୍ଲୀର ଲକ୍ଷ୍ମୀସାଗର ପୋଖରୀ ପାଇଁ ୨୦୧୮-୧୯ ଆର୍ଥିକ ବର୍ଷରେ ୯ ଲକ୍ଷ ୨୦ ହଜାର ଟଙ୍କାର ମଞ୍ଜୁର ହୋଇଥିଲା। ଲୋକେ କାମ ବନ୍ଦ କରିଥିବାବେଳେ ସେହି ପୋଖରୀ ଖୋଳା ନାଁରେ ୯ ଲକ୍ଷ ୧୧ ହଜାର ୭୩୦ ଟଙ୍କା ଫଲ୍‌ସ ବିଲ୍ କରାଯାଇଛି। ପୁଣି ବିଜିପୁର ପଞ୍ଚାୟତ ସୁନାଖଳା, ମରାଗାଡିଆ ଓ ବିଜିପୁର ପଞ୍ଚାୟତ ପୋଖରୀ ଖୋଳା ପାଇଁ ୯ ଲକ୍ଷ ୪୫ ହଜାର ଟଙ୍କା ଲେଖାଏଁ ମଞ୍ଜୁର ହୋଇଥିଲା। ଏହି ୩ ପୋଖରୀ କାମରେ ମଧ ଅନୁରୂପ ଭାବେ ସମସ୍ତ ଅନୁଦାନ ଫଲ୍‌ସ ବିଲ୍ ହୋଇଛି।

ଏନେଇ ଭାପୁର ବ୍ଲକର ଏକାଧିକ ଜବ୍‌କାର୍ଡଧାରୀ ନିଜ ନାମ ଗୋପନ ରଖି କହିଛନ୍ତି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିକାଶ ଚାଲିଛି। ହେଲେ କେତେଜଣ ପ୍ରଶାସନିକ ଅଧିକାରୀ, କର୍ମଚାରୀ, ଗାଁର କେତେଜଣ ବ୍ୟକ୍ତି, ରାଜନୈତିକ ନେତା ମିଶି ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଲକ୍ଷ ଟଙ୍କାର ସରକାରୀ ଅନୁଦାନକୁ ଚଳୁ କରି ସାରିଛନ୍ତି। ଦୁର୍ନୀତିର ଚେର ଏତେ ଗଭୀରକୁ ଯାଇଛି ଯେ ଏହାର ପର୍ଦ୍ଦାଫାଶ କରିବାକୁ କେହି ବି ଆଗଭର ନୁହନ୍ତି। ବାରମ୍ବାର ଅଭିଯୋଗ ପରେ ତଦନ୍ତ ହେଲା। ଅଥଚ ତଦନ୍ତର ସୁଫଳ ମିଳିନାହିଁ। ଜିଲାପାଳ ପୋମା ଟୁଡୁଙ୍କୁ ପଚାରିବାରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା ଦୁର୍ନୀତିକୁ ନେଇ ତଦନ୍ତ ହେବ। ଅଭିଯୋଗ ସତ ପ୍ରମାଣିତ ହେଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

